European Union
(ଇଉରୋପୀଅନ୍ ୟୁନିଅନ୍)

# ଜାତୀୟ ପରିବାର ମଙ୍ଗଳ ଯୋଜନା

(ଡ଼ିସିଏ) (ସ୍ପ୍ରେଡ୍)

ଜାତୀୟ ପରିବାର ମଙ୍ଗଳ ଯୋଜନା ମାଧ୍ୟମରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ମୁଖ୍ୟ ରୋଜଗାରିଆ ବ୍ୟକ୍ତିଙ୍କ ମୃତ୍ୟୁରେ, ସରକାର ଏକକାଳୀନ ୨୦ହଜାର ଟଙ୍କା ମୃତ ବ୍ୟକ୍ତିଙ୍କ ପରିବାରକୁ ଯୋଗାଇ ଦେଇଥାଆନ୍ତି। ଏହି ଟଙ୍କା ଆବେଦନ କରିବାର ୩୦ଦିନ ମଧ୍ୟରେ ପରିବାରର ପରବର୍ତ୍ତୀ ମୁଖିଆଙ୍କ ନିଜସ୍ୱ ଆକାଉଣ୍ଟରେ ପୋଷ୍ଟ ଅଫିସ୍ କିମ୍ବା କୌଣସି ବ୍ୟବସାୟିକ ବ୍ୟାଙ୍କରେ ଏକକାଳୀନ ଜମା ଦିଆଯାଇଥାଏ।




## ଏହି ଯୋଜନାରେ ହିତାଧିକାରୀ ହେବାକୁ ଯୋଗ୍ୟତା

୧. ପରିବାରଟି ବି.ପି.ଏଲ୍. କାର୍ଡ଼ଧାରୀ ହୋଇଥିବେ;

୨. ପରିବାରର ମୁଖ୍ୟ ରୋଜଗାରିଆ ବ୍ୟକ୍ତି ହୋଇଥିବେ;

୩. ମୃତ ବ୍ୟକ୍ତିଙ୍କ ବୟସ ୧୮ବର୍ଷରୁ ଉର୍ଦ୍ଧ୍ୱ ଓ ୬୦ ବର୍ଷରୁ କମ୍ ହୋଇଥିବ;

## କିପରି ଓ କେଉଁଠି ଆବେଦନ କରିବେ

☞ ଗ୍ରାମପଞ୍ଚାୟତର 'ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ' କିମ୍ବା ବ୍ଲକ୍‌ର 'ସାମାଜିକ- ଶିକ୍ଷା ସଙ୍ଗଠକ'ଙ୍କ ନିକଟରେ ଆବେଦନ ପତ୍ର ବା ଦରଖାସ୍ତ ଫର୍ମ ପୂରଣ କରି ଦାଖଲ କରିବାକୁ ହେବ।

☞ ଆବେଦନ ସମୟରେ ମୃତ ବ୍ୟକ୍ତିଙ୍କ ଭୋଟ ପରିଚୟପତ୍ର ଦାଖଲ କରିବାକୁ ହେବ।

☞ ମୃତ୍ୟୁର ପ୍ରମାଣପତ୍ର ଦାଖଲ କରିବାକୁ ହେବ।

☞ ବ୍ଲକ୍ ଅଧକ୍ଷଙ୍କ ଦ୍ୱାରା ଆବେଦନ ପତ୍ରକୁ ଆଟେଷ୍ଟଡ୍ କରିବାକୁ ହେବ।

**ଘୋଷଣାନାମା:-** ଇଉରୋପୀଅନ୍ ୟୁନିଅନ୍‌ର ସହାୟତାରେ ଏବଂ ଡ୍ୟାନ୍ ଚର୍ଚ୍ଚ ଏଡ୍ ଓ ସ୍ପ୍ରେଡ୍ କୋରାପୁଟଙ୍କ ଦ୍ୱାରା କାର୍ଯ୍ୟକାରୀ ଏକ ପ୍ରକଳ୍ପ ସୌଜନ୍ୟରେ ପ୍ରସ୍ତୁତ ଏହି ଲେଖା ସରକାରଙ୍କ ବିଭିନ୍ନ ପ୍ରକାଶନରୁ ଉଦ୍ଧୃତ। ଏଠାରେ ଲିଖିତ ବିଷୟବସ୍ତୁ ପାଇଁ ଇଉରୋପୀଅନ୍ ୟୁନିଅନ୍ କୌଣସି ସ୍ଥଳେ ଦାୟୀ ନୁହଁନ୍ତି।